# ଅଧ୍ୟାୟ ୨୩

## ପାଠର ନାମ—ବାପୁଜୀ (ଏକାଙ୍କିକା)

### ଗଠନକ୍ରମ


୨୩.୦ ଉଦ୍ଦେଶ୍ୟ

୨୩.୧ ଉପକ୍ରମ

୨୩.୨ ମୂଳପାଠର ପ୍ରଥମାଂଶ

   ୨୩.୨.୧ ମୂଳପାଠର ପ୍ରଥମାଂଶରୁ ପ୍ରଶ୍ନ

   ୨୩.୨.୨ ମୂଳପାଠର ପ୍ରଥମାଂଶରୁ ବ୍ୟାକରଣଗତ ପ୍ରଶ୍ନ

୨୩.୩ ମୂଳପାଠର ଦ୍ୱିତୀୟାଂଶ

   ୨୩.୩ ୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ

   ୨୩.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୨୩.୪ ମୂଳପାଠର ତୃତୀୟାଂଶ

   ୨୩.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

   ୨୩.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

   ୨୩.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୨୩.୫ ପାଠର ସାରାଂଶ

୨୩.୬ ଶବ୍ଦାର୍ଥ

୨୩.୭ ପଠନ ଅଭ୍ୟାସ

୨୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୨୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୨୩.୦ ଉଦ୍ଦେଶ୍ୟ

ସାହିତ୍ୟରେ ଜୀବନର ଚିତ୍ର ପ୍ରତିଫଳିତ ହୁଏ । ଲୋକ ଶିକ୍ଷା ଓ ଆନନ୍ଦଦାନ ହେଉଛି ସାହିତ୍ୟର ମୌଳିକ ଲକ୍ଷ୍ୟ । ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ନାଟକ ଓ ଏକାଙ୍କିକାରେ ମଧ୍ୟ ଜୀବନର ଚିତ୍ର ସାର୍ଥକ ଭାବରେ ଉପସ୍ଥାପିତ ହୋଇଥାଏ । ନାଟକ ଓ ଏକାଙ୍କିକା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଭବ । ନାଟକର କ୍ଷୁଦ୍ର ସଙ୍କୁଚିତ ରୂପ ଏକାଙ୍କିକା ନୁହେଁ, ଏକାଙ୍କିକା ଏକ ସ୍ୱୟଂସମ୍ପୂର୍ଣ୍ଣ ସୃଷ୍ଟି । ଜୀବନର ସୂକ୍ଷ୍ମ ଅନୁଭୂତିର ସ୍ପଷ୍ଟ ପ୍ରତିଫଳନ ନିମନ୍ତେ ଏକାଙ୍କିକାର ସୀମିତ ପରିସରରେ ଥାଏ ସୀମାହୀନ ପ୍ରୟାସ । ନାଟକର ବହୁ ଘଟଣା ଓ ଚରିତ୍ରର ସମାବେଶ ଦେଖିବାକୁ ମିଳେ । ଭିନ୍ନ ଭିନ୍ନ ରସର ପରିବେଷଣରେ ପରିବେଶ ରସସିକ୍ତ ହୁଏ, ଦର୍ଶକ ତୃପ୍ତିଲାଭ କରେ । ନାଟକପରି ଏକାଙ୍କିକା ଦେଖି ମଧ୍ୟ ଦର୍ଶକ ଅନୁରୂପ ତୃପ୍ତିଲାଭ କରେ । ମାତ୍ର ଏକାଙ୍କିକାରେ ଅଳ୍ପ ଘଟଣା ଓ ଅଳ୍ପ ଚରିତ୍ରର ସମାବେଶ ଲକ୍ଷ୍ୟ କରିବାକୁ ହୁଏ । ଏଥିରେ ଘଟଣାର ଜାଲ ନଥିଲେ ମଧ୍ୟ ଭାବ ପରିବେଷଣ ଶୈଳୀରେ ଇନ୍ଦ୍ରଜାଲ ଥାଏ ।

ଆଲୋଚ୍ୟ ଏକାଙ୍କିକାରେ ସ୍ୱାଧୀନତା ପରବର୍ତ୍ତୀ ସମୟର ଭାରତର ଅବସ୍ଥା ସମ୍ପର୍କରେ ଅବତାରଣା କରାଯାଇଛି । ଭାରତକୁ ଦେବୀ ଭାବରେ ପରିକଳ୍ପନା କରାଯାଇଛି । ଭାରତର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଏକ ଧାରଣା ପାଠକକୁ ଦେବା ପାଇଁ ଏଥିରେ ପ୍ରଚେଷ୍ଟା କରାଯାଇଛି । ଭାରତ ଦୀର୍ଘଦିନ ଧରି ପରାଧୀନ ଥିଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ଆନ୍ଦୋଳନରେ ବହୁ ଲୋକ ଯୋଗ ଦେଇଥିଲେ । ସେହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ଭାରତର ସ୍ୱାଧୀନତାପ୍ରାପ୍ତି । ଭାରତର ସ୍ୱାଧୀନତା ଆସିଲା ମାତ୍ର ଭାରତମାତା ଆନନ୍ଦିତ ହୋଇ ପାରିଲେ ନାହିଁ । ଦେଶ ବିଭାଜନ ଜନିତ ଦାରୁଣ ଦୁଃଖରେ ମର୍ମାହତ ହୋଇ ପଡ଼ିଲେ ଭାରତମାତା । ମହାତ୍ମାଗାନ୍ଧୀଙ୍କର ଅକାଳ ବିୟୋଗ ତାଙ୍କୁ ଦୁଃସହ ଯନ୍ତ୍ରଣାରେ ଜର୍ଜରିତ କଲା । ଭାରତୀୟ ଚେତନାର ମହତ୍ତ୍ୱ ଓ ମୂଲ୍ୟବୋଧ ସମ୍ପର୍କରେ ଅବତାରଣା କରାଯାଇଛି ଏହି ଏକାଙ୍କିକାରେ ।

# ୨୩.୧ ଉପକ୍ରମ

ଭାରତର ଭୂମିକା ବିଶ୍ୱଦରବାରରେ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ । ମାଟିଗୋଡ଼ି ପଥରରେ ଗଢ଼ା ଏକ ଜଡ଼ ପିଣ୍ଡ ନୁହେଁ ଭାରତବର୍ଷ । ଭାରତବର୍ଷ ସଚେତନତାର ପ୍ରତୀକ, ପବିତ୍ରଭାବର ସୁନ୍ଦର ମନ୍ଦିର । ଭାରତମାତା ହେଉଛନ୍ତି ସାକ୍ଷାତ୍ ଦେବୀ । ତାଙ୍କର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଆକଳନ କରିବା ପାଇଁ ଆଲୋଚ୍ୟ ଏକାଙ୍କିକାରେ ଲେଖକ ପ୍ରୟାସ କରିଛନ୍ତି । ସ୍ୱାଧୀନତା ପରେ ଭାରତମାତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ବହୁ ଶକ୍ତି ଆସିଛନ୍ତି, ଭାରତମାତାଙ୍କୁ ସଭକ୍ତି ପ୍ରଣାମ ଜଣାଇଛନ୍ତି । ରାଜନୈତିକ ସ୍ୱାଧୀନତା ପାଇଲେ ମଧ୍ୟ ଭାରତମାତା ଆନନ୍ଦିତ ହୋଇ ପାରି ନାହାନ୍ତି । ସନ୍ତାନମାନେ ପରସ୍ପର ଭିତରେ କଳହରେ ଲିପ୍ତ ରହିବା ହେତୁ ଭାରତମାତାଙ୍କ ହୃଦୟରେ ଦାରୁଣ ଆଘାତ ଲାଗିଛି । ଭାରତମାତାଙ୍କର ଅଙ୍ଗ ହାନି ହୋଇଛି ଦେଶବିଭାଜନ ଫଳରେ । ମହାତ୍ମାଗାନ୍ଧୀଙ୍କର ମୃତ୍ୟୁ ଭାରତମାତାଙ୍କୁ ଦେଇଛି ଅସହ୍ୟ ଦୁଃଖ ଓ ଯନ୍ତ୍ରଣା । ଏହି ଯନ୍ତ୍ରଣାକୁ ମର୍ମସ୍ପର୍ଶୀ ଭାବରେ ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ଭାରତୀୟ ଚେତନାର ମହନୀୟତାକୁ ଲେଖକ ଆଲୋଚ୍ୟ ଏକାଙ୍କିକାରେ ସାର୍ଥକ ଭାବରେ ସ୍ଥାନ ଦେଇଛନ୍ତି ।

ଅଧ୍ୟାପକ ପ୍ରାଣବନ୍ଧୁ କର ଆଲୋଚ୍ୟ ଏକାଙ୍କିକାଟିକୁ ରଚନା କରିଛନ୍ତି । ଓଡିଆ ସାହିତ୍ୟରେ ଏକାଙ୍କିକା ରଚନା କ୍ଷେତ୍ରରେ ଅଧ୍ୟାପକ ଶ୍ରୀଯୁକ୍ତ କର ଜଣେ ସର୍ବଜନସ୍ୱୀକୃତ ସୁପ୍ରତିଷ୍ଠିତ ସ୍ରଷ୍ଟା । ପ୍ରତ୍ୟେକଟି ସୃଷ୍ଟି ତାଙ୍କର ଜୀବନର ସୂକ୍ଷ୍ମ ଅନୁଭୂତିର ସାର୍ଥକ ପ୍ରତିନିଧି । ଏକାଙ୍କିକାମାନଙ୍କରେ ସାଧାରଣ ଜୀବନର ବହୁ ସାଧାରଣ ଘଟଣାକୁ ସ୍ରଷ୍ଟା ଶ୍ରୀଯୁକ୍ତ କର ସାହିତ୍ୟିକ ମର୍ଯ୍ୟାଦା ଦେଇଛନ୍ତି । ତାଙ୍କ ଦ୍ୱାରା ରଚିତ ପ୍ରତ୍ୟେକ ଏକାଙ୍କିକାର ଗୁଣାତ୍ମକ ମୂଲ୍ୟବୋଧ ପାଠକକୁ ମନ୍ତ୍ରମୁଗ୍ଧ କରିଥାଏ । ଶ୍ରୀଯୁକ୍ତ କର ତାଙ୍କର ସୃଷ୍ଟି 'ଶ୍ୱେତପଦ୍ମ' ପାଇଁ ସର୍ବଭାରତୀୟ ସ୍ତରରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ଭାରତର ଚଉଦଟି ଭାଷାରେ ଏହା ଅନୂଦିତ ହୋଇଛି । କେନ୍ଦ୍ର ନାଟକ ଏକାଡେମୀ ପକ୍ଷରୁ 'ଅଶାନ୍ତ' ପାଇଁ ସ୍ରଷ୍ଟା ପୁରସ୍କୃତ ହୋଇଛନ୍ତି । ତାଙ୍କର ସୃଷ୍ଟି 'ସ୍ନାୟୁସଂହାର' ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ସେ ମଧ୍ୟ ଶ୍ରେଷ୍ଠ ନାଟ୍ୟକାର ଭାବରେ ସମ୍ମାନିତ ହୋଇଛନ୍ତି । ବିଭିନ୍ନ ସମୟରେ ପ୍ରକାଶିତ ଓ ମଞ୍ଚସ୍ଥ କେତେକ ସୃଷ୍ଟି ତାଙ୍କର 'ଏକାଙ୍କିକା ପ୍ରଥମ ଭାଗ' ଓ 'ଏକାଙ୍କିକା ଦ୍ୱିତୀୟଭାଗ'ରେ ପ୍ରକାଶିତ ହୋଇଛି । ଆମର ଆଲୋଚ୍ୟ ଏହି ଏକାଙ୍କିକାଟିରେ ହିମାଳୟ ପର୍ବତ, ମୌସୁମୀ, ମରୁତ, ମୃତ୍ତିକା ଗୋଟିଏ ଗୋଟିଏ ଚରିତ୍ର ହୋଇ ସ୍ଥାନ ପାଇଛନ୍ତି । ଭାରତମାତାଙ୍କର ମହନୀୟତା ଏଥିରେ ଉପସ୍ଥାପିତ ହୋଇଛି । ଶୈଳୀ, ଶବ୍ଦଯୋଜନା ଓ କଥାବସ୍ତୁ ଦୃଷ୍ଟିରୁ ଆଲୋଚ୍ୟ ଏକାଙ୍କିକାଟି ଏକାଧାରରେ ଆକର୍ଷଣୀୟ ଓ ଅନୁଭବ୍ୟ ହୋଇପାରିଛି ।

ଭାରତର ଭୂମିକା ଆଗାମୀ ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତର ଅତୀତର ଗୌରବମୟ ଦୀପ୍ତି ତାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଆଣିଦେଇଛି । ଭାରତର ମହତ୍ତ୍ୱ ବିଭିନ୍ନ କ୍ଷେତ୍ରରେ ଜାଣିବା ପାଇଁ କେତେକ ପୁସ୍ତକ ଓଡିଆରେ ରହିଛି । ସେଗୁଡ଼ିକ ଭିତରେ କେତେକ ପୁସ୍ତକର ନାମ ଏଠାରେ ଉଲ୍ଲେଖ କରାଯାଇଛି । ଭାରତର ସ୍ୱର ଓ ସ୍ୱରୂପ ସମ୍ପର୍କରେ ଅଧିକ ଉପାଦାନ ସଂଗ୍ରହ କରିବାକୁ ଚାହୁଁଥିଲେ ଜଣେ ଶ୍ରୀ ଅରବିନ୍ଦଙ୍କର ଇଂରାଜୀ ପୁସ୍ତକର ଅନୁବାଦ 'ଭାରତ ସମ୍ବନ୍ଧେ ଶ୍ରୀ ଅରବିନ୍ଦ' ପୁସ୍ତକ ପଢ଼ିପାରନ୍ତି । ତାଙ୍କର ଅନ୍ୟତମ ଅନୂଦିତ ଗ୍ରନ୍ଥ ଭାରତୀୟ ସଂସ୍କୃତିର ଆଧାର ମଧ୍ୟ ପାଠ କରାଯାଇପାରେ । ସ୍ୱାମୀ ବିବେକାନନ୍ଦଙ୍କର ଓଡିଆ ଭାଷାରେ ଅନୂଦିତ 'ବାଣୀ ଓ ରଚନା' ପୁସ୍ତକ ପାଠକଲେ ଭାରତ ସମ୍ବନ୍ଧରେ ବହୁ ତଥ୍ୟ ଓ ତତ୍ତ୍ୱ ଜାଣିହେବ । ଭାରତର ସ୍ୱାଧୀନତା ଆନ୍ଦୋଳନ ଓ ବାପୁଜୀଙ୍କ ଚିନ୍ତା ଓ ଚେତନା ସମ୍ବନ୍ଧରେ ବହୁ ତଥ୍ୟ ଓଡିଆ ଭାଷାରେ ଅନୂଦିତ ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀରୁ ଜାଣିହୁଏ ।

# ୨୩.୨ ମୂଳପାଠର ପ୍ରଥମାଂଶ

## ବାପୁଜୀ

(ଭାରତମାତାର ପାଦତଳେ ଆଲୁଳାୟିତ—କେଶା, ମଳିନବେଶା ଭାରତୀ ବସି ସାଶ୍ରୁଲୋଚନରେ ଚାହିଁଛି ମାତାର ମୁହଁକୁ, ଅନ୍ତରାଳରୁ ଭାସି ଆସୁଛି କରୁଣ ସଙ୍ଗୀତ । କିଛି ସମୟ ପରେ ସଙ୍ଗୀତ ବନ୍ଦ ହେଲା—ଗଦ୍‌ଗଦ୍ କଣ୍ଠରେ ଭାରତୀ କହିଲା ।)

ଭାରତୀ—ମା' ମା'—ଏଇ କଅଣ ତୋର ସ୍ୱାଧୀନ ବେଶ ? ବୁକୁର ରକ୍ତଦେଇ ଆମେ ତତେ ମୁକ୍ତ କଲୁ, ତଥାପି ତୁ କାହିଁକି ଆଜି ଏତେ ଦୀନା ? ତୋ ଓଠରେ ହସ ଫୁଟୁନାହିଁ କାହିଁକି ? କଥା କହ ମା'

(ଗାଇ ଗାଇ ସୂର୍ଯ୍ୟର ପ୍ରବେଶ)

ସୂର୍ଯ୍ୟ— ଭାରତ ସାଗରୁ ଜଳ ଶୋଷି ନେଇ
ପ୍ରଖର ତେଜେ
ଆକାଶ ଦେହରେ କଳାହାଣ୍ଡିଆ
ବଉଦ ସାଜେ
ଭାରତ ମାଆର ସ୍ନିଗ୍ଧ ବୁକେ
ବାରି ସିଞ୍ଚି ମୁଁ ମନର ସୁଖେ
ତନୁ ଲତାଟି ସଜାଇ ଦିଏ ଯେ
ଶ୍ୟାମଳ ଶେଯେ ।

ଭାରତୀ—ସୂର୍ଯ୍ୟଦେବ ! ନମସ୍କାର, ଦେଖ ମା' ମୋର ମୁକ୍ତ ହେଲେ ବି ମଳିନବଦନା—ତୁମର ପ୍ରଖର ତେଜ ବି ମା'ର ମୁଖ ଉଜ୍ଜ୍ୱଳ କରିପାରୁନି ।

ସୂର୍ଯ୍ୟ—(ଭାରତମାତାଙ୍କୁ ନମସ୍କାର ଜଣାଇ)
ମା' ତୋର ସନ୍ତାନ ଦେହରେ ଶକ୍ତି ଓ ଜୀବନ ଦେବାପାଇଁ ଅକାତରେ ମୋର କିରଣଜାଳ ତୋ ବକ୍ଷରେ ମୁଁ ବିଞ୍ଚି ଦେଇଛି ଯୁଗ ଯୁଗ ଧରି—ତୋ ସନ୍ତାନମାନଙ୍କୁ ରୋଗମୁକ୍ତ କରିବା ପାଇଁ ମୁଁ ପ୍ରତିବର୍ଷ ନାଶକରେ ଅସଂଖ୍ୟ ବ୍ୟାଧି କାରକ ଜୀବାଣୁ, ତୋର କୋଟି କୋଟି ସନ୍ତାନର ଖାଦ୍ୟ ପ୍ରସ୍ତୁତି ପାଇଁ ମୁଁ ମୌସୁମୀକୁ ତୋର ବକ୍ଷସ୍ଥଳକୁ ପଠାଏ । ତଥାପି ମା ତୁ ଦୀନା, ମଳିନ ବେଶା ? ସୌରପଥରୁ ଓହ୍ଲେଇ ଆସିଲି କଅଣ ତୋର ଏଇ ଭିଖାରୁଣୀ ବେଶ ଦେଖିବା ପାଇଁ ।

(ମୌସୁମୀର ଗାନ ଓ ନୃତ୍ୟ କରି କରି ପ୍ରବେଶ)

ମୌସୁମୀ— ମୁଁ ଯେ ଚାଷୀର କ୍ଷେତରେ ଆସାର ଢାଳି
ଜାଳେ ତାର ବୁକେ ଆଶା ଦୀପାଳି
ଶସ୍ୟଶ୍ୟାମଳା କରଏ କ୍ଷେତ
ଚାଷୀ ପେଟଭରି ଦିଏ ମୁଁ ଭାତ
ଭାରତ ଜନନୀ ବୁକୁରେ ଫୁଟାଏ
ସୁଖ ଶେଫାଳି ।

(ନୃତ୍ୟଭଙ୍ଗୀରେ ଭାରତମାତାଙ୍କୁ ପ୍ରଣାମ କରି ।)

ଅୟି ଜନନୀ ! ଘେନ ମୋର ସସ୍ନେହ ପ୍ରଣତି

(ଭାରତମାତାର ମଳିନ ମୁଖକୁ ଚାହିଁ)

ଏ କଅଣ ? ତୁମେ ଯେ ମୌନା ।

(ସୂର୍ଯ୍ୟ ଦେବଙ୍କୁ ଦେଖିପାରି)

ପ୍ରଣମେ ମୁଁ ଦେବ ପଦତଳେ ତବ-ଦେବ-
ଭାରତମାତା ମୌନା କାହିଁକି ?

(ଭାରତୀକୁ ଚାହିଁ) କଅଣ ହୋଇଚି ମା ? ତୋର ସୁନ୍ଦର କଜଳ କଳା ଆଖି ଦୁଇଟି ଏତେ ଛଳ ଛଳ କାହିଁକି ? ଦୁଇଶହ ବର୍ଷର ଅଶେଷ ନିର୍ଯ୍ୟାତନା ପରେ ଜନନୀ ତୋର ମୁକ୍ତ । ସେଥିପାଇଁ ଆନନ୍ଦରେ ଅଧୀର ହୋଇ ମୁଁ ଧାଇଁ ଆସିଲି ତତେ ଅଭିବାଦନ ଜଣାଇବା ପାଇଁ—କିନ୍ତୁ କାହିଁ ତୋର ଆନନ୍ଦ ଉତ୍ସବ ?

ଭାରତୀ—(ମୌସୁମୀକୁ ଚାହିଁ)
ମା' ମୋର ଯେତେବେଳେ ସବୁ ଉତ୍ସବରୁ ବିରତା, ମୁଁ ଉତ୍ସବ କରିବି କିପରି ?

(ହିମାଳୟକୁ ପ୍ରବେଶ କରିବାର ଦେଖି)

ହିମାଳୟ ! ତୁମେ ଆସିଚ ମୋର ମୁକ୍ତା ମା'କୁ ଅଭିବାଦନ ଜଣାଇବାକୁ । ଦେଖ ମା' ମୋର ମୂକ—ଏମାନଙ୍କୁ କାହାରିକୁ କଥା କହୁନି—

ହିମାଳୟ (ଆଶ୍ଚର୍ଯ୍ୟ ହୋଇ) କାହିଁକି ? ସେ ଆଜି ସ୍ୱାଧୀନ । ତାଙ୍କର ସମସ୍ତଙ୍କୁ ନେଇ ଆନନ୍ଦ କରିବାର କଥା ।

(ଭାରତମାତାକୁ ଚାହିଁ) ଏକି କଥା ମା' ?

ସୂର୍ଯ୍ୟ—ଆମେ ଅନେକ ଚେଷ୍ଟା କଲୁଣି ହିମାଳୟ—ମା'ର ଆଉ ଫେର କି ଦୁଃଖ ରହିଲା ବୁଝିପାରୁନୁ ।

ହିମାଳୟ—ମୁଁ ଆଉ ଆଉ ମା'ର ଫେର ଗୋଟାଏ ଦୁଃଖ କ'ଣ ? ଉତ୍ତର ମେରୁର ଶୀତ ଶୁଷ୍କ ବାୟୁ ମା'ର କୋମଳ ଶସ୍ୟଶ୍ୟାମଳା ଅଙ୍ଗରେ ମୁଁ ଛୁଆଁଇ ଦିଏନି । ମା'ର ଅବଗାହନ ପାଇଁ ମୁଁ ପଠାଇ ଦେଇଛି ସିନ୍ଧୁ, ବ୍ରହ୍ମପୁତ୍ର, ଗଙ୍ଗା, ଚପଳା ମୌସୁମୀର ଗତିରୋଧ କରି ମା'ର ବୁକୁରେ ବାରିରାଶି ଢାଳି ଦେଇଛି—ତଥାପି ମା'ର ଦୁଃଖ ।

ଭାରତୀ—ମା' ସବୁତ ଶୁଣୁଛ, ତଥାପି ବଧିର ତୁମେ ?

(ମୃତ୍ତିକାର ଗାନ ଓ ନୃତ୍ୟକରି ପ୍ରବେଶ)

ମୃତ୍ତିକା— ରଙ୍ଗରସଭରା ବକ୍ଷେ ମୋର
ପୁଲକ ଜାଗେ ଆଜି ଜାଗେରେ
ଶୀର୍ଣ୍ଣ ବନଲତା ଉଠେ ପଲ୍ଲବି
ବିହଗ ଗାଏ ମଞ୍ଜୁ ରାଗେରେ
ମୋର ସବୁଜ ତନୁ ତଳେ
ମହା ମୁକ୍ତି ଶିଖା ଜଳେ
କଟି ତ ଯାଇଛିରେ ଦେବତା ଅଭିଶାପ
ମୁକ୍ତିଲେଖା ଦିଗ ଭାଗେରେ ।

(ହଠାତ୍ ଭାରତମାତାଙ୍କୁ ବିମର୍ଷ ଦେଖି ଚମକି ଠିଆ ହୋଇଗଲା ଓ ଭାରତୀକୁ ଚାହିଁ)

ଭାରତୀ, ମୁଁ ତ କିଛି ବୁଝିପାରୁନି ? ମୁକ୍ତି ପରେ ବି ମୁଁ ଆଜି ଏକି ଛବି ଦେଖୁଛି ମାଆର ? ତୋ ମୁହଁଟି ବି ଶୁଖି କଳାକାଠ ପଡ଼ିଯାଇଛି—ଆପଣମାନେ ପାଷାଣଭଳି ଠିଆହୋଇ ରହିଛନ୍ତି ।

ଭାରତୀ—(ମା'ଆଡ଼େ ଆଶାନ୍ୱିତ ଆଖିରେ ଚାହିଁ)
ମା' ଦେଖ, ଯେଉଁ ମୃତ୍ତିକା ଦେବୀକୁ ତମେ ସବୁବେଳେ ସସ୍ନେହ ଆଦରରେ ନିଜ ବକ୍ଷରେ ଧରି ରଖ, ସେହି ଆଜି ଧାଇଁ ଆସିଛନ୍ତି ତୁମର ମୁକ୍ତି ସଙ୍ଗୀତ ଗାଇ ଗାଇ—ଆନନ୍ଦରେ ନାଚି ନାଚି । ଥରେ କ'ଣ ତାଙ୍କ ଆଡ଼େ ଚାହିଁବନି । ତମର ଜନଶକ୍ତିକୁ ଖାଦ୍ୟ ଯୋଗାଇବା ପାଇଁ ଯିଏ ବୁକୁ ଚିରି ଶସ୍ୟ ଉତ୍ପାଦନ କରନ୍ତି ତାଙ୍କ ପ୍ରତି ବି ତମେ ବିମୁଖ ମା ?

ମରୁତ—(ଗାଇ ଗାଇ ପ୍ରବେଶ)
ମୋ ତନୁ ଆଜିରେ ପୂର୍ଣ୍ଣ ହୋଇଛି
ଭାରତ ମାତାର ମୁକ୍ତି ଗାନେ
ସେ ସୁଖରେ ଗାନ ଶୁଣେଇଛି ଆଜି
ସ୍ୱାଧୀନତା ପ୍ରିୟ ବିଶ୍ୱଜନେ
ମୋର ସ୍ନିଗ୍ଧ ଶୀତଳ ସମୀରେ
ଜନନୀ ଜୀର୍ଣ୍ଣ ଅଧରରେ
ଖେଳାଇ ଦେଇଛି ହସର ଢେଉ ମୁଁ
ପୁଲକ ଢାଳିଚି ମୁକ୍ତପ୍ରାଣେ ।

ଭାରତୀ—ମୋଟେ ପୁଲକ ଢାଳିପାରିନି ମରୁତ—ମା'ର ଅଧରରେ ହସର ଢେଉ ଖେଳାଇ ପାରିନ—ଚାହିଁ ଦେଖ ।

ମରୁତ—ମା' ଥରେ ଆଖି ଖୋଲି ଦେଖ ତ, ପ୍ରକୃତିର ଯେତେଗୁଡ଼ିଏ ବିରାଟ ଶକ୍ତି ସମସ୍ତେ ତୁମର ପଦସେବା କରିବାକୁ ଧାଇଁ ଆସିଛନ୍ତି । ତମର ତ କିଛି ଅଭାବ ନାହିଁ—ଥରେ ଖାଲି ଚାହିଁ ଦେଖ ।

( ଭାରତମାତାର ଅଧର ଥରି ଉଠିଲା )

ଧୀରେ ଧୀରେ ସେ ଆଖି ଖୋଲିଲେ । ସମସ୍ତେ ତାଙ୍କୁ ମସ୍ତକ ଅବନତ କରି ପ୍ରଣତି ଜଣାଇଲେ ।

### ୨୩.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ

୧. ହିମାଳୟ ଆସି ଭାରତମାତାଙ୍କୁ କ'ଣ କହିଛି ?

୨. କେଉଁ କେଉଁ ଶକ୍ତି ଭାରତମାତାଙ୍କୁ ଅଭିବାଦନ ଜଣାଇବାକୁ ଆସିଛନ୍ତି ?

### ୨୩.୨.୨ ମୂଳପାଠର ପ୍ରଥମଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ନିମ୍ନଲିଖିତ କଠିନ ଶବ୍ଦର ଅର୍ଥ ଲେଖନ୍ତୁ—
ସାଗର, ବୁକୁ, ମୁଖ, ଜନନୀ, ଅଧର, ବାରି, ବିହଗ, ପାଷାଣ ।

୨. ନିମ୍ନୋକ୍ତ ପଦମାନଙ୍କରେ କେଉଁ କେଉଁ ପ୍ରତ୍ୟୟ ରହିଛି, ଲେଖନ୍ତୁ—

ଗାନ, ମୁକ୍ତି, ଶ୍ୟାମଳ, ସ୍ୱାଧୀନତା ।

୩. ନିମ୍ନଲିଖିତ ପଦମାନଙ୍କରେ କେଉଁ କେଉଁ ଉପସର୍ଗ ରହିଛି, ଲେଖନ୍ତୁ—

ଅଭିବାଦନ, ପ୍ରଖର ।

୪. ନିମ୍ନଲିଖିତ ପଦମାନଙ୍କରେ କେଉଁ କେଉଁ ସମାସ ରହିଛି, ଲେଖନ୍ତୁ ।

ଶୋଗମୁକ୍ତ, ଆଶାଦୀପାଳି, ମୁକ୍ତିଶିଖା, ମଳିନବେଶା ।

୫. ନିମ୍ନଲିଖିତ ପଦମାନଙ୍କରେ କେଉଁ କେଉଁ ସନ୍ଧି ହୋଇଛି ଲେଖନ୍ତୁ—

ଉଜ୍ଜ୍ୱଳ, ହିମାଳୟ

୬. ନିମ୍ନଲିଖିତ ପଦମାନଙ୍କର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ଆନନ୍ଦ, ସ୍ୱାଧୀନ, ଶୀତଳ, କୋମଳ, ପୂର୍ଣ୍ଣ ।

୭. ନିମ୍ନଲିଖିତ ଶବ୍ଦମାନଙ୍କର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ—

ଆଖି, ସୂର୍ଯ୍ୟ, ମରୁତ ।

## ୨୩.୩ ମୂଳପାଠର ଦ୍ୱିତୀୟାଂଶ

ଭାରତମାତା—ତମେ ସବୁ ଆସିଚ ମତେ ଅଭିନନ୍ଦନ ଜଣାଇବାକୁ, ମୋର ଅଛି କ'ଣ ? ହେଇ ଦେଖ ଦୁଇଭାଇ ଭିତରେ କଳିକରି ମତେ କିପରି ବିକଳାଙ୍ଗ କରିଛନ୍ତି ।

ମୃତ୍ତିକା—ତୋର ସନ୍ତାନ ତ ସବୁବେଳେ ଏପରି ମୂର୍ଖ, ଦରିଦ୍ର ନଥିଲେ । ସଭ୍ୟତାରେ ସେ ପୃଥିବୀରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ଚୀନରେ ବାଣିଜ୍ୟକରି ଦିନେ ସେ ତୋତେ ରତ୍ନବିଭୂଷିତା କରିଥିଲେ, ଆଜି ତୁ ମୁକ୍ତ ।

ଭାରତମାତା—(ଟିକିଏ ଶୁଷ୍କ ହସି) ଏଇ ସହଜ କଥାଟା ବୁଝିପାରୁନ ? ମୋର ସମ୍ପଦତ ହେଲା ମୋର କାଳ—ପ୍ରଲୁବ୍‌ଧ ହୋଇ ବିଦେଶୀ ଆସିଲେ ମୋ ସହିତ ବାଣିଜ୍ୟ କରିବାକୁ—ସେତେ-ବେଳେ ଏମିତି ଭାଇଭାଇ ଭିତରେ ଲାଗିଥିଲା ବିବାଦ—ତାର ସୁଯୋଗ ନେଇ ବିଦେଶୀ ମୋ ହାତରେ ଶିକୁଳି ପିନ୍ଧାଇଲା । ତମର ରତ୍ନ ବିଭୂଷିତା ମା'ର ଅଙ୍ଗ କ୍ରମେ ହେଲା ଶୂନ୍ୟ ।

(ହଠାତ୍ ଚମକି ଓ ଆର୍ତ୍ତଚିତ୍କାର କରି)

ଏଁ—ଏ କ'ଣ ଶବ୍ଦ ହେଲା ? ଭୀଷଣ ଭାବରେ—ତିନିଥର—ହା ରାମ ? କିଏ ? କାହାର ଏ କରୁଣ କଣ୍ଠସ୍ୱର ? ମୋହନ ? (ତଳେ ପଡ଼ିଯାଇ) ଆରେ କଅଣ କଲରେ—ଆରେ ମୋର ମୋହନ ଭଳି ପୁଅକୁ ଗୁଳି କରି ମାରିଦେଲ ?

ସମସ୍ତେ—କଅଣ ମା' ? ଆମେ କିଛି ବୁଝିପାରୁନୁ—କାହାକୁ ଗୁଳିକରି ମାରିଦେଲେ ?

ଭାରତମାତା—ମୋର ବଡ ପୁଅ ମୋହନକୁ—ବିଶ୍ୱ ଯାହାକୁ ମହାତ୍ମା ଗାନ୍ଧୀ ବୋଲି କହେ ।

(ଭୂଇଁରେ ଲୋଟି କାନ୍ଦିବାକୁ ଲାଗିଲେ)

ସୂର୍ଯ୍ୟ—ମହାତ୍ମା ଗାନ୍ଧୀଙ୍କୁ ? —କଅଣ କହୁଚ ମା ? ଯିଏ ଆଣି ଦେଇଚି ତମର ମୁକ୍ତି—ଭାଇଭାଇ ଭିତରେ କଳି ମେଣ୍ଟାଇବାକୁ ଯିଏ ଆମରଣ ଅନଶନ କରିଥିଲେ, ଏଇ ଅଳ୍ପ କେତେ ଦିନ ତଳେ ?

ଭାରତୀ—(ଅପଲକ ଆଖିରେ ଅନ୍ତରୀକ୍ଷ ଆଡ଼େ ଚାହିଁ) ହଁ, ସେଇ—ଯାହାକୁ ବିଶ୍ୱ କରୁଥିଲା ପୂଜା......

(ଗଣ୍ଡ ଦେଇ ଲୋତକ ଗଡ଼ିପଡ଼ିଲା)

ହିମାଳୟ—ମୁଁ ଏକଥା ବିଶ୍ୱାସ କରିପାରୁନି ଭାରତୀ—

ଭାରତମାତା—(ମୁହଁ ଟେକି ବିକଳ ଭାବରେ) ହେଇ—ଶୁଭୁଚି କୋଟି କଣ୍ଠରେ କରୁଣ କ୍ରନ୍ଦନ । ମୋହନ ମୋର ରକ୍ତାକ୍ତ ହୋଇ ଲୋଟୁଚି ଭୂଇଁରେ ।

( କାନ୍ଦି କାନ୍ଦି ଜନଶକ୍ତିର ପ୍ରବେଶ )

ଭାରତମାତା—(ତା'ଆଡ଼େ ଚାହିଁ) କିଏ ? ଜନଶକ୍ତି ? ଦୂର ହ ଏଠୁ......ମୁଁ ତୋର ମୁହଁ ଦେଖିବାକୁ ଚାହେଁ ନା । କାନ୍ଦୁଚୁ ? କାନ୍ଦ କାନ୍ଦ—ଛାତି ତୋର ଫାଟିଗଲାଯାଏ କାନ୍ଦ......ଯେଉଁ

କଳଙ୍କର, ଗ୍ଲାନିର ବୋଝ ମୁଣ୍ଡେଇଚୁ ଆଜି ସେଥିପାଇଁ ଅନୁତାପ କର—ପୃଥିବୀର ଇତିହାସରେ ତୋର ଏ ଗ୍ଲାନି ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଲା—ପୃଥିବୀ ଦେଖିଲା ଯେଉଁ ଭାଇ ଅଶେଷ ଦୁଃଖ, ନିର୍ଯ୍ୟାତନା, ଅପମାନ, ଲାଞ୍ଛନା, ଭୋଗକରି ତା'ର ମାଆର, ତା'ର କୋଟି କୋଟି ଭାଇର ମୁକ୍ତି ଆଣିଦେଲା, ତାକୁ ଶେଷକୁ ତା' ଭାଇମାନେ ମାରିଦେଲେ ।

ମୃତ୍ତିକା—(ବ୍ୟଥାମିଶା ବିସ୍ମୟରେ) ଯିଏ ପୃଥିବୀର ଶ୍ରେଷ୍ଠ ମାନବଙ୍କ ମଧ୍ୟରେ ଶ୍ରେଷ୍ଠ, ଯାହାର ସତ୍ୟ, ଓ ଅହିଂସା ନୀତି ବଳରେ କୋଟି କୋଟି ଲୋକ ମୁକ୍ତି ପାଇଲେ ତାର କ'ଣ ଏଇ ପୁରସ୍କାର । ସୂର୍ଯ୍ୟଦେବ ! ସ୍ୱାଧୀନତା ଆଣିଦେବାର ମୂଲ୍ୟ କ'ଣ ମୃତ୍ୟୁ ।

ଜନଶକ୍ତି—(ମାତାର ପାଦତଳେ ପଡ଼ି ଓ ତାଙ୍କର ପାଦଧରି) ମା' ଏ ପାପରୁ, କଳଙ୍କରୁ ମୁଁ କିପରି ମୁକ୍ତ ହେବି ମା' ?

ଭାରତମାତା—(ତୀବ୍ର କଣ୍ଠରେ ଶ୍ଳେଷ ମିଶାଇ) ମୁକ୍ତହେବୁ ? ମୁକ୍ତି କଅଣ ତୋର ଅଛିରେ ଅଧମ ? ମୋହନ ପରି ପୁଅକୁ ମୋର ମାରିଚ ତମେମାନେ । ତା' ପାଇଁ ଆଜି ପୃଥିବୀ କାନ୍ଦୁଚି—ବିଶ୍ୱର ସେ ଥିଲା ଆଲୋକ । ସତ୍ୟ ଓ ଅହିଂସା ବଳରେ ସେ ଯେ କେବଳ ତୋର ମୁକ୍ତି ଆଣିଥିଲା ତା ନୁହେଁ, ସାରବିଶ୍ୱରେ ତା' ବଳରେ ଶକ୍ତି ପ୍ରତିଷ୍ଠା କରିବ ବୋଲି ଚେଷ୍ଟା କରୁଥିଲା ।

ସୂର୍ଯ୍ୟ—ଏ ପାପରୁ ତମର ମୁକ୍ତି ନାହିଁ ଜନଶକ୍ତି—

ହିମାଳୟ—ମୋହନ ଭଳି ମହାତ୍ମାକୁ ମାରି ତମେ କି ଲାଭ ପାଇଲ ଶୁଣେ ? ସେ ଭାରତମାତାର ସନ୍ତାନ ହେଲେ ବି ପୃଥିବୀର ସମୂହ କଲ୍ୟାଣ ପାଇଁ ଜନ୍ମ ନେଇଥିଲା ।

ଭାରତମାତା—ଓଃ, ତାର ଆତ୍ମା କି କଲବଲ ହୋଇ ନଥିବ ସେ ମୁହୂର୍ତ୍ତରେ ।

ସୂର୍ଯ୍ୟ—ମା' ଆଉ ଦୁଃଖ କରି ଲାଭ କ'ଣ ? ମୋହନ ତ ଆଉ ଫେରି ଆସିବନି—ସେ ଚିରଦିନ ପାଇଁ ଆଖି ବୁଜିଚି—

**୨୩.୩.୧ ମୂଳପାଠର ଦ୍ୱିତୀୟାଂଶରୁ ପ୍ରଶ୍ନ**

୧. ଭାରତମାତା ବିରାଟଶକ୍ତିମାନଙ୍କୁ ଆଖି ଖୋଲିଲା ପରେ କ'ଣ କହିଲେ ?

୨. ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁରେ ଭାରତଜନନୀଙ୍କର ମର୍ମବେଦନା ନିଜ ଭାଷାରେ ବୁଝାଇ ଲେଖନ୍ତୁ ।

**୨୩.୩.୨ ମୂଳପାଠର ଦ୍ୱିତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ**

୧. ନିମ୍ନଲିଖିତ ଶବ୍ଦମାନଙ୍କରେ କେଉଁ ପ୍ରତ୍ୟୟ ରହିଛି ଲେଖନ୍ତୁ ।
ସ୍ୱାଧୀନତା, ସଭ୍ୟତା, ସାମ୍ୟ ।

୨. ନିମ୍ନଲିଖିତ ଶବ୍ଦମାନଙ୍କରେ କେଉଁ କେଉଁ ଉପସର୍ଗ ରହିଛି ଲେଖନ୍ତୁ ?
ପ୍ରଲୁବ୍ଧ, ସୁଯୋଗ, ଅନୁତାପ, ଅପମାନ

୩. ନିମ୍ନୋକ୍ତ ଶବ୍ଦମାନଙ୍କର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ସୁଯୋଗ, ଦରିଦ୍ର, ଅବନତ, ସତ୍ୟ, ପୁରସ୍କାର

୪. ନିମ୍ନଲିଖିତ କଠିନ ଶବ୍ଦମାନଙ୍କର ଅର୍ଥ ଲେଖନ୍ତୁ ।
ଆମରଣ, ଅନ୍ତରୀକ୍ଷ, ଲୋତକ, ମୃତ୍ତିକା

୫. ନିମ୍ନରେ ପ୍ରଦତ୍ତ ଶବ୍ଦମାନଙ୍କରେ କେଉଁ କେଉଁ ସମାସ ରହିଛି ।
ଆମରଣ, ଅନଶନ, ବିକଳାଙ୍ଗ

## ୨୩.୪ ମୂଳପାଠର ତୃତୀୟାଂଶ

ଭାରତମାତା—(ବିକଳ ଚିତ୍କାରକରି) ନାଁ ନାଁ ମତେ ସେ କଥା କେହି କହ ନାହିଁ—ମୋର ଛାତି ଫାଟିଯାଉଚି—ମୋହନ ମୋର ମରିନି, ସେ ନିଶ୍ଚୟ ବଞ୍ଚିଚି—

ହିମାଳୟ—ତାକୁ ମାରିଦେବା ଦ୍ୱାରା ତାକୁ ଅମର କରି ଦିଆହୋଇଚି ମା—ଯୀଶୁ ଏମିତି ଅମର ହୋଇଥିଲେ । ସେ ବିଶ୍ୱବାସୀଙ୍କ ହୃଦୟରେ ବଞ୍ଚି ରହିଚି—ତମେ ଆଉ ଦୁଃଖ କରନା ।

ଭାରତମାତା—ଦୁଃଖ କେମିତି ନକରିବି ହିମାଳୟ !

(ଝଡ଼ର ଶବ୍ଦ ସଙ୍ଗେ ସଙ୍ଗେ ହଠାତ ଗମ୍ଭୀର ଶଙ୍ଖଧ୍ୱନି ପରି ଶବ୍ଦ ହେଲା—ଗାନ୍ଧିଜୀଙ୍କ ପ୍ରେତମୂର୍ତ୍ତିର ଆବିର୍ଭାବ)

କିଏ ମୋହନ ? ବାପରେ ମୋର ତୁ ବଞ୍ଚିଚୁ ?

ପ୍ରେତମୂର୍ତ୍ତି—ବଞ୍ଚିଚି ମା—ବଞ୍ଚିଚି

ଭାରତମାତା—(ଆଗ୍ରହରେ) ବଞ୍ଚିଚୁ ?

ପ୍ରେତମୂର୍ତ୍ତି—ହଁ, ତୋର କୋଟି ସନ୍ତାନ ହୃଦୟରେ ଆଜୀବନ ମୁଁ ଯେଉଁ ସତ୍ୟ ଓ ଅହିଂସା ପାଇଁ ଲଢ଼ି ଆସିଥିଲି, ମୋର ମୃତ୍ୟୁପରେ ତୋର ସନ୍ତାନମାନେ ସେଇ ସତ୍ୟ ଓ ଅହିଂସା ପଥରେ ଯାଇ ତୋର ମୁଖ ଉଜ୍ଜ୍ୱଳ କରିବେ ମା—ମୋର ସତ୍ୟ ଓ ଅହିଂସାବାଦ ପ୍ରଚାର କରି ସେମାନେ ବିଶ୍ୱରେ ଆଣିବେ ସାମ୍ୟ ଓ ମୈତ୍ରୀଭାବ ।

ଭାରତମାତା—ତୁ ତ ବାପ ଚାଲିଗଲୁ—କିଏ ବର୍ତ୍ତମାନ ଜନଶକ୍ତିକୁ ପ୍ରବୋଧ ଦେବ—ତାକୁ ଠିକ ବାଟରେ ଚଳାଇବ ?

(ଜନଶକ୍ତି ପ୍ରେତମୂର୍ତ୍ତି ଆଗରେ ଆଣ୍ଠେଇ ବସିପଡ଼ି)

ଜନଶକ୍ତି—କହ ପିତା—ମୁଁ ବର୍ତ୍ତମାନ କ'ଣ କରିବି ? ପଥ ଦେଖାଅ, ଚାରିଆଡ଼ ଯେ ଅନ୍ଧକାର ।

ପ୍ରେତମୂର୍ତ୍ତି—ପଥ ମୁଁ ଦେଖାଇ ଦେଇଚିତ ଜନଶକ୍ତି—ତୁମେ କେବଳ ସେଇ ପଥରେ ଚାଲିବାକୁ ଶିଖ, ଆଲୋକ ନିଶ୍ଚୟ ଦେଖିବାକୁ ପାଇବ । ସାମ୍ପ୍ରଦାୟିକ ଭେଦଭାବ ଭୁଲି ସମସ୍ତେ ନିଜକୁ କେବଳ ଭାରତୀୟ ବୋଲି ବିଶ୍ୱ ଆଗରେ ପରିଚୟ ଦିଅ, ଭୁଲ, ଭୁଲ । ସବୁପ୍ରକାର ଭେଦ-ଭାବ—ତାହା ନହେଲେ ଏତେ କଷ୍ଟରେ ଆସିଥିବା ସ୍ୱାଧୀନତା ଟିକକ ବି ହରେଇ ବସିବ । ଶୁଣ, କେବଳ ମୋର ଗୁଣକୀର୍ତ୍ତନ କରି ଅଶ୍ରୁ ବିସର୍ଜନ କଲେ ମୋର ଆତ୍ମାକୁ ସନ୍ତୁଷ୍ଟ କରିପାରିବ ନାହିଁ । ମୁଁ ଯେଉଁ ବିରାଟ ଓ ମହତ ଆଦର୍ଶ ପାଇଁ ଶେଷରେ ମୋର ଜୀବନ ଦେଲି, ସେ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକର । ବୀରର ଅନୁରୂପ କାର୍ଯ୍ୟ କରିବା ହିଁ ବୀରର ଶ୍ରେଷ୍ଠ ପୂଜା । ବୀରକୁ କେବଳ ପ୍ରଶଂସା ବା ଭକ୍ତି ବୀର ପୂଜା ନୁହେଁ । ମତେ ବିଦାୟ ଦିଅମା, ତେବେ ଯିବା ଆଗରୁ ମୋର ଗୋଟିଏ ମାତ୍ର ଅନୁରୋଧ, ଅତୀତକୁ ଭୁଲିଯାଅ, ଆଜି ତମେ ମୁକ୍ତ—ପୃଥିବୀ ସତୃଷ୍ଣ ନୟନରେ ତୁମକୁ ଚାହିଁ ରହିଚି, ତମେ ଆଜି ଆନନ୍ଦରେ ହସ ମା, ମୋର ଏଇ ଶେଷ ଅନୁରୋଧ । ପ୍ରେତାତ୍ମା ଅନ୍ତର୍ଦ୍ଧାନ ହେଲା ।

### ୨୩.୪.୧ ମୂଳପାଠର ତୃତୀୟାଂଶରୁ ପ୍ରଶ୍ନ

୧. ପ୍ରେତମୂର୍ତ୍ତି ଜନଶକ୍ତିକୁ କେଉଁ ମାର୍ଗରେ ଯିବା ପାଇଁ ନିର୍ଦ୍ଦେଶ ଦେଇଛି ?

୨. ଭାବସମ୍ପ୍ରସାରଣ କର—"ପୃଥିବୀ ସତୃଷ୍ଣ ନୟନରେ ତୁମକୁ ଚାହିଁ ରହିଛି" ।

### ୨୩.୪.୨ ମୂଳପାଠର ତୃତୀୟାଂଶରୁ ବ୍ୟାକରଣଗତ ପ୍ରଶ୍ନ

୧. ନିମ୍ନଲିଖିତ ଶବ୍ଦଗୁଡ଼ିକରେ କେଉଁ କେଉଁ ସମାସ ରହିଛି, ଲେଖନ୍ତୁ—

ଆଜୀବନ, ଅମର, ବିଶ୍ୱବାସୀ ।

୨. ନିମ୍ନୋକ୍ତ ଶବ୍ଦଗୁଡ଼ିକରେ କି କି ପ୍ରତ୍ୟୟ ରହିଛି ଲେଖନ୍ତୁ—

ସାମ୍ପ୍ରଦାୟିକ, ଭକ୍ତି, କୀର୍ତ୍ତନ, ପୂଜା ।

୩. କେଉଁ କେଉଁ ଉପସର୍ଗ ନିମ୍ନଲିଖିତ ଶବ୍ଦଗୁଡ଼ିକରେ ରହିଛି, ଲେଖନ୍ତୁ—

ଅନୁପ୍ରାଣିତ, ପ୍ରବୋଧ ।

୪. ନିମ୍ନଲିଖିତ ଶବ୍ଦମାନଙ୍କର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ଅନ୍ଧକାର, ଅହିଂସା, ଦୁଃଖ, ପ୍ରଶଂସା, ଶେଷ ।

### ୨୩.୩.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନ

୧. ଭାରତ ଜନନୀ ସ୍ୱାଧୀନ ହେବାପରେ ମୃତ୍ତିକା ଓ ମୌସୁମୀ ଆସି କ'ଣ କହିଛନ୍ତି, ନିଜ ଭାଷାରେ ବୁଝାଇ ଲେଖନ୍ତୁ ।

୨. ଭାବସମ୍ପ୍ରସାରଣ କରନ୍ତୁ—"ସେ ବିଶ୍ୱବାସୀଙ୍କ ହୃଦୟରେ ବଞ୍ଚି ରହିଛି—ତମେ ଆଉ ଦୁଃଖ କରନା ।"

୩. ନିମ୍ନଲିଖିତ ଶବ୍ଦମାନଙ୍କରେ ଥିବା ପ୍ରତ୍ୟୟ ଲେଖନ୍ତୁ—
ଅଭିନନ୍ଦନ, ଅନୁପ୍ରାଣିତ, ପ୍ରଲୁବ୍ଧ, ବିଭୂଷିତା ।

୪. ନିମ୍ନଲିଖିତ କଠିନ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ—
ଅନଶନ, ଶେଫାଳି, ସମୀର

୫. ନିମ୍ନଲିଖିତ ଶବ୍ଦଗୁଡ଼ିକର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ—
ବାୟୁ, ବାରି ।

୬. ଶୂନ୍ୟସ୍ଥାନ ପୂରଣ କରନ୍ତୁ—
(କ) ପୃଥିବୀର ଇତିହାସରେ ତୋର ଏ — ଚିରଦିନ ପାଇଁ ଲିପିବଦ୍ଧ ହୋଇରହିଲା ।
(ଖ) ମୋର ସତ୍ୟ ଓ ଅହିଂସାବାଦ ପ୍ରଚାର କରି ସେମାନେ ବିଶ୍ୱରେ ଆଣିବେ — ଓ ମୈତ୍ରୀଭାବ ।
(ଗ) ବୀରର ଅନୁରୂପ କାର୍ଯ୍ୟ କରିବା ହିଁ ବୀରର — ପୂଜା ।
(ଘ) ତମର — ବିଭୂଷିତା ମା'ର ଅଙ୍ଗ କ୍ରମେ ହେଲା ଶୂନ୍ୟ ।

## ୨୩.୫ ପାଠର ସାରାଂଶ

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ପରେ ଭାରତମାତାଙ୍କର ମନରେ ଦାରୁଣ ଯନ୍ତ୍ରଣା ହୋଇଛି । ସେହି ଯନ୍ତ୍ରଣାକୁ ମର୍ମେ ମର୍ମେ ଉପଲବ୍ଧି କରୁଛନ୍ତି ଲେଖକ ଅଧ୍ୟାପକ ପ୍ରାଣବନ୍ଧୁ କର । ମହାତ୍ମା ଗାନ୍ଧୀ ଥିଲେ ଅସାଧାରଣ ଗୁଣ ଓ ବ୍ୟକ୍ତିତ୍ୱର ଅଧିକାରୀ । ତାଙ୍କ ନେତୃତ୍ୱରେ ସଙ୍ଗଠିତ ହୋଇଥିଲା ଭାରତର ସ୍ୱାଧୀନତା ଆନ୍ଦୋଳନ । ଏହି ଆନ୍ଦୋଳନ ଫଳରେ ଭାରତମାତା ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହେଲେ । ସ୍ୱାଧୀନ ହେବାପରେ ଭାରତମାତାଙ୍କୁ ଅଭିନନ୍ଦନ ଜଣାଇବା ନିମନ୍ତେ ବିରାଟ ଶକ୍ତିସବୁ ଆସି ପହଞ୍ଚିଛନ୍ତି । ଆସିଛନ୍ତି ହିମାଳୟ, ମୌସୁମୀ, ମୃତ୍ତିକା, ସୂର୍ଯ୍ୟ ପ୍ରଭୃତି ଶକ୍ତିମାନେ । ଭାରତମାତା ସ୍ୱାଧୀନ ହେଲେ ମଧ୍ୟ ଆନନ୍ଦିତ ହୋଇପାରି ନାହାନ୍ତି । ଭାଇଭାଇ ଭିତରେ କଳିକରି ଭାରତମାତାଙ୍କୁ ବିକଳାଙ୍ଗ କରିବାରୁ ଭାରତମାତା ମର୍ମେ ମର୍ମେ ଦୁଃସହ ଯନ୍ତ୍ରଣା ଅନୁଭବ କରି ମୌନ ହୋଇ ବସିଛନ୍ତି । ବିରାଟ ଶକ୍ତିମାନଙ୍କର ଅନୁରୋଧରେ ଭାରତମାତା ଆଖି ଖୋଲିଛନ୍ତି ଓ ମନର ଦୁଃଖ ସେମାନଙ୍କୁ ଜଣାଇଛନ୍ତି । ଏତିକିବେଳେ ହଠାତ୍ କାହାର କରୁଣ ସ୍ୱରରେ ପରିବେଶ ସ୍ତବ୍ଧ ବିକ୍ଷୁବ୍ଧ ହୋଇଛି । ସେ କଣ୍ଠ ସ୍ୱର ହେଉଛି ମହାତ୍ମା ଗାନ୍ଧୀଙ୍କର । ମହାତ୍ମା ଗାନ୍ଧୀ ଆତତାୟୀର ଗୁଳିଚ୍ଛେଟରେ ହାରାମ ହାରାମ କହି ଟଳି ପଡ଼ିଛନ୍ତି । ଭାରତମାତା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି, ତାଙ୍କ ନୟନରୁ ବହିଯାଉଛି ଅଶ୍ରୁର ବନ୍ୟା । ଭାରତୀୟ ଜନତାକୁ ଦେଶଦ୍ରୋହୀ କହି ଭାରତମାତା ଧିକ୍କାର କରିଛନ୍ତି । ସେତେବେଳେ ମହାତ୍ମାଗାନ୍ଧୀଙ୍କର ପ୍ରେତମୂର୍ତ୍ତିର ଆବିର୍ଭାବ ଘଟିଛି । ସେ ପ୍ରେତମୂର୍ତ୍ତି ଭାରତମାତାଙ୍କୁ ଆଶ୍ୱାସନା ଦେଇଛି । ଭାରତୀୟ ଜନତାକୁ ଆଶ୍ୱାସନା ଦେଇ ଉପଯୁକ୍ତ ମାର୍ଗରେ ପରିଚାଳିତ ହେବା ପାଇଁ ନିର୍ଦ୍ଦେଶ ଦେଇଛି । ସତ୍ୟ ଓ ନ୍ୟାୟ ପଥରେ ଅଗ୍ରସର ହୋଇ ବିଶ୍ୱରେ ନିଜ ଦେଶର ମର୍ଯ୍ୟାଦାକୁ ବୃଦ୍ଧି କରିବା ପାଇଁ ସେ ଭାରତବାସୀଙ୍କୁ ପ୍ରେରଣା ଦେଇଛି । ଭାରତମାତାଙ୍କୁ ହସିବା ପାଇଁ ଅନୁରୋଧ ସେ ଜଣାଇଛି । ଭାରତମାତା ଦୁଃଖରେ ଏପରି ଭାଙ୍ଗି ପଡ଼ିବା ଉଚିତ ନୁହେଁ । କାରଣ ଭାରତବର୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ବିଶ୍ୱର ଗୁରୁ ଭାବରେ ଭାରତକୁ ଗୁରୁତ୍ୱପୂର୍ଣ୍ଣ ଆସନ ଗ୍ରହଣ କରିବାକୁ ହେବ ବୋଲି ସେ ମୂର୍ତ୍ତି କହିଛି । ଭାରତମାତାକୁ ଏକଥା କହି ହସିବା ପାଇଁ ଅନୁରୋଧ ଜଣାଇ ସେ ପ୍ରେତମୂର୍ତ୍ତି ଅପସରି ଯାଇଛି ।

ସ୍ୱାଧୀନତା ପରବର୍ତ୍ତୀ ପରିବେଶର ସାର୍ଥକ ଚିତ୍ର ଅଧ୍ୟାପକ ଶ୍ରୀଯୁକ୍ତ ପ୍ରାଣବନ୍ଧୁ କରଙ୍କ ଲେଖନୀରେ ପ୍ରକଟିତ ହୋଇଛି । ମହାତ୍ମା ଗାନ୍ଧୀଙ୍କ ଆକସ୍ମିକ ବିୟୋଗରେ ଭାରତ ସ୍ତବ୍ଧ ହୋଇଯାଇଛି । ବିଦେଶରେ ମଧ୍ୟ ଶୋକର ଛାୟା ଖେଳିଯାଇଛି । ଭାରତମାତାଙ୍କର ମର୍ମନ୍ତୁଦ ଯନ୍ତ୍ରଣାକୁ ଲେଖକ ଅତି ଚମତ୍କାର ଭାବରେ ଆଲୋଚ୍ୟ ପାଠରେ ଉପସ୍ଥାପନା କରିଛନ୍ତି । ଲେଖକ ଭାରତମାତାଙ୍କୁ ଦେବୀ ଭାବରେ ପରିକଳ୍ପନା କରିଛନ୍ତି । ଭାରତମାତାଙ୍କର ସେବା ପାଇଁ ହିମାଳୟ, ମୌସୁମୀ, ମରୁତ, ମୃତ୍ତିକା ଆସିଛନ୍ତି । ଭାରତମାତା ସାମାନ୍ୟ ନୁହନ୍ତି, ସେ ଏକ ଜାଗ୍ରତ ଚେତନା । ମାଟିଗୋଡ଼ି ପଥରରେ ଗଢ଼ା ସେ ଏକ ଜଡପିଣ୍ଡ ନୁହନ୍ତି ବରଂ ଏକ ଜୀବନ୍ତ ଦେବୀ । ଏକଥାଟି ପ୍ରସଙ୍ଗକ୍ରମେ ମୂଳପାଠରେ ଲେଖକ ଉପସ୍ଥାପନା କରିଛନ୍ତି । ଭାରତ ବିକାଶରେ ବିଶ୍ୱର ବିକାଶ, ଭାରତର ଶକ୍ତି ଓ ଚେତନା ବିଶ୍ୱକୁ ଦେବ

ଦିଗ୍‌ଦର୍ଶନ, ବିଶ୍ୱମାନବ ଆଜି ଯେଉଁ ସମସ୍ୟା ସବୁ ନେଇ ବିବ୍ରତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେ ସମସ୍ୟା ସବୁର ଯଥାର୍ଥ ସମାଧାନ ଦେବ ଭାରତବର୍ଷ । ଏକଥା ବିଶ୍ୱର ବହୁ ମନୀଷୀ ମତ ଦେଇଛନ୍ତି । ଭାରତର ଏଇ ଗୌରବ ଓ ଗୁରୁତ୍ୱ ପ୍ରସଙ୍ଗଟି ଲେଖକ ମୂଳପାଠରେ ସୂଚନାକ୍ରମେ ଉପସ୍ଥାପନା କରିଛନ୍ତି ।



## ୨୩.୬ ଶବ୍ଦାର୍ଥ

| | |
|---|---|
| ମରୁତ—ପବନ | ଲୋଚନ—ଆଖି |
| ଜନନୀ—ମାଆ | ମୁଖ—ମୁହଁ |
| ତନୁ—ଦେହ | ବ୍ୟାଧି—ରୋଗ |
| ଅଶ୍ରୁ—ଲୁହ | ଅବଗାହନ—ଗାଧୋଇବା |
| ଅଧର—ଓଠ | |

## ୨୩.୭ ପଠନ ଅଭ୍ୟାସ

ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି, ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

"ପଥ ମୁଁ ଦେଖାଇ ଦେଇଛି ତ ଜନଶକ୍ତି—ତୁମେ କେବଳ ସେଇ ପଥରେ ଚାଲିବାକୁ ଶିଖ—ଆଲୋକ ନିଶ୍ଚୟ ଦେଖିବାକୁ ପାଇବ—ସାମ୍ପ୍ରଦାୟିକ ଭେଦଭାବ ଭୁଲି ସମସ୍ତେ ନିଜକୁ କେବଳ ଭାରତୀୟ ବୋଲି ବିଶ୍ୱ ଆଗରେ ନିଜର ପରିଚୟ ଦିଅ—ଭୁଲ, ଭୁଲ ସବୁ ପ୍ରକାର ଭେଦଭାବ, ତା ନହେଲେ ଏତେ କଷ୍ଟରେ ଆସିଥିବା ସ୍ୱାଧୀନତା ଟିକକ ବି ହରେଇ ବସିବ । ଶୁଣ, କେବଳ ମୋର ଗୁଣକୀର୍ତ୍ତନ କରି ଅଶ୍ରୁ ବିସର୍ଜନ କଲେ ମୋର ଆତ୍ମାକୁ ସନ୍ତୁଷ୍ଟ କରିପାରିବ ନାହିଁ । ମୁଁ ଯେଉଁ ବିରାଟ ଓ ମହତ ଆଦର୍ଶ ପାଇଁ ଶେଷରେ ମୋର ଜୀବନ ଦେଲି, ସେ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକର । ବୀରର ଅନୁରୂପ କାର୍ଯ୍ୟ ହିଁ ବୀରର ଶ୍ରେଷ୍ଠ ପୂଜା । ବୀରକୁ କେବଳ ପ୍ରଶଂସା ବା ଭକ୍ତି ବୀରପୂଜା ନୁହେଁ ।"

ପ୍ରଶ୍ନ :
୧. ବିଶ୍ୱ ଆଗରେ ନିଜର କେଉଁ ପରିଚୟ ଦେବାପାଇଁ ମହାତ୍ମା ଗାନ୍ଧୀଙ୍କର ପ୍ରେତମୂର୍ତ୍ତି କହିଯାଇଛି ?
୨. ସ୍ୱାଧୀନତାର ସୁରକ୍ଷା ପାଇଁ କ'ଣ କରିବାକୁ ପଡ଼ିବ ?
୩. ବୀରର ପ୍ରକୃତ ପୂଜା କିପରି ହୁଏ ?

## ୨୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

### ୨୩.୨.୧ ପ୍ରଶ୍ନାବଳୀର ଉତ୍ତର

୧. (କ) ପରାଧୀନତାର ଶୃଙ୍ଖଳରୁ ମୁକ୍ତ ଭାରତମାତାଙ୍କୁ ଅଭିବାଦନ ଜଣାଇବା ପାଇଁ ହିମାଳୟ ଆସିଛି । ଭାରତମାତାଙ୍କୁ ମୌନ ଥିବାର ଦେଖି ବିସ୍ମିତ ହୋଇଛି ସେ । ମାଆଙ୍କର ଦୁଃଖ ଦେଖି ହିମାଳୟ ହୃଦୟରେ ଦାରୁଣ ଆଘାତ ଲାଗିଛି । ମାଆଙ୍କୁ ଆଶ୍ୱାସନା ଦେବାକୁ ଯାଇ ସେ କହିଛି ଯେ ସେ ଥିଲେ ମା'ଙ୍କର କିଛି ଅଭାବ ନାହିଁ, ଅସୁବିଧା ନାହିଁ । ସେ ଉତ୍ତର ଦିଗରେ ଜାଗ୍ରତ ପ୍ରହରୀ ଭାବରେ ରହି ଉତ୍ତର ମେରୁର ଶୀତ ପ୍ରବାହକୁ ପ୍ରତିରୋଧ କରିବା ଫଳରେ ସେହି ଶୀତଳ ଶୁଷ୍କବାୟୁ ମା'ର ଅଙ୍ଗକୁ କଷ୍ଟ ଦେଉନାହିଁ । ପୁନଶ୍ଚ ମା'ଙ୍କର ସେବା ପାଇଁ ବ୍ରହ୍ମପୁତ୍ର, ଗଙ୍ଗା ଓ ସିନ୍ଧୁ ନଦୀକୁ ହିମାଳୟ ପଠାଇଛି ବୋଲି କହିଛି । ମୌସୁମୀ ବାୟୁର ଗତିକୁ ହିମାଳୟ ବ୍ୟାହତ କରିବା ଯୋଗୁ ଭାରତ ଭୂଖଣ୍ଡରେ ପ୍ରବଳ ବର୍ଷା ହେଉଛି ବୋଲି ସେ କହିଛି । ଭାରତମାତାଙ୍କର ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ହିମାଳୟ ଯେ ସଚେତନ ଓ ଜାଗ୍ରତ, ଏକଥା ସେ ନିଜେ ମୁକ୍ତ କଣ୍ଠରେ ସ୍ୱୀକାର କରିବା

ସଙ୍ଗେ ସଙ୍ଗେ ଭାରତମାତା ସ୍ୱାଧୀନ ହୋଇଥିବାରୁ ଆନନ୍ଦିତ ହେବା ଉଚିତ ବୋଲି ମତ ଦେଇଛି ।

୨. (ଖ) ସ୍ୱାଧୀନ ହେବାପରେ ଭାରତମାତାଙ୍କୁ ଅଭିବାଦନ ଜଣାଇବା ପାଇଁ ପ୍ରାକୃତିକ ବିରାଟ ଶକ୍ତିମାନେ ଆସିଛନ୍ତି । ସୂର୍ଯ୍ୟ ଆସି ଭାରତମାତାଙ୍କୁ ନମସ୍କାର ଜଣାଇଛନ୍ତି । ମାଆଙ୍କର ମଳିନ ମୁଖକୁ ଦେଖି ତାଙ୍କ ମନରେ କଷ୍ଟ ହୋଇଛି । ଏହାପରେ ମୌସୁମୀ ଆସିଛି ସଙ୍ଗୀତର ତାଳେ ତାଳେ ଓ ନୃତ୍ୟର ଛନ୍ଦରେ । ଭାରତମାତାଙ୍କର ସେବା ହେଉଛି ତାର ଧର୍ମ ବୋଲି ସେ କହିଛି । ଚାଷୀର କ୍ଷେତରେ ବର୍ଷାର ଧାର ଢାଳି ଦିଏ ମୌସୁମୀ, କ୍ଷେତକୁ ଶସ୍ୟଶ୍ୟାମଳା କରାଏ ମୌସୁମୀ । ଭାରତମାତାଙ୍କର ଦୁଃଖ ଦେଖି ତା ମନରେ ଆଘାତ ଲାଗିଛି । ହିମାଳୟ ଆସି ମା'ଙ୍କର ଦୁଃଖରେ ମ୍ରିୟମାଣ ହୋଇପଡିଛି । ମା'ଙ୍କର ସେବକ ଭାବରେ ସେ ନିଜକୁ ବିଚାର କରିବା ସଙ୍ଗେ ସଙ୍ଗେ ମା'ଙ୍କୁ ଟିକିଏ ଆନନ୍ଦିତ ହେବାପାଇଁ ଅନୁରୋଧ ଜଣାଇଛି ହିମାଳୟ । ସଙ୍ଗୀତର ସ୍ୱରରେ ଓ ନୃତ୍ୟର ଛନ୍ଦରେ ମୃତ୍ତିକା ଆସି ପହଞ୍ଚିଛି । ମୁକ୍ତିର ଆନନ୍ଦରେ ସେ ଆନନ୍ଦିତ ବୋଲି ପ୍ରକାଶ କଲେ ମଧ୍ୟ ସେ ଆନନ୍ଦ ବେଶି ବେଳ ରହି ନାହିଁ । ଭାରତମାତାଙ୍କର ବିଷାଦ ଓ ଅନୁଶୋଚନାକୁ ଲକ୍ଷ୍ୟ କରି ସେ ମଧ୍ୟ ମର୍ମାହତ ହୋଇଛନ୍ତି । ଭାରତମାତାଙ୍କର ମୁକ୍ତିରେ ଆନନ୍ଦିତ ହୋଇ ମରୁତ ଆସି ପହଞ୍ଚିଛି । ମାଆଙ୍କର ବିଷାଦ ଜର୍ଜରିତ ଅବସ୍ଥା ଦେଖି ସେ ମଧ୍ୟ ମର୍ମାହତ ହୋଇଛି ।

**୨୩.୨.୨ର ପ୍ରଶ୍ନାବଳୀର ଉତ୍ତର**

୧. ସାଗର—ସମୁଦ୍ର    ଅଧର—ଓଠ

ବୁକୁ—ଛାତି    ବାରି—ପାଣି

ମୁଖ—ମୁହଁ    ବିହଗ—ପକ୍ଷୀ

ଜନନୀ—ମାଆ    ପାଷାଣ—ପଥର

୨. ଗୈ+ଅନ=ଗାନ (କୃଦନ୍ତ ପ୍ରତ୍ୟୟ)

ମୁଚ+କ୍ତିନ=ମୁକ୍ତି (କୃଦନ୍ତ ପ୍ରତ୍ୟୟ)

ଶ୍ୟାମ+ଳ=ଶ୍ୟାମଳ (ତଦ୍ଧିତ ପ୍ରତ୍ୟୟ)

ସ୍ୱାଧୀନ+ତା=ସ୍ୱାଧୀନତା (ତଦ୍ଧିତ ପ୍ରତ୍ୟୟ)

୩. ଅଭି, ପ୍ର

୪. ରୋଗରୁ ମୁକ୍ତ—ରୋଗମୁକ୍ତ—ପଞ୍ଚମୀ ତତ୍‌ପୁରୁଷ ସମାସ ।

ଆଶାରୂପକ ଦୀପାଳି—ଆଶାଦୀପାଳି—ରୂପକ କର୍ମଧାରୟ ସମାସ ।

ମୁକ୍ତିର ଶିଖା—ମୁକ୍ତିଶିଖା—ଷଷ୍ଠୀ ତତ୍‌ପୁରୁଷ ସମାସ ।

ମଳିନ ଅଟେ ବେଶ ଯାହାର ସେ (ସ୍ତ୍ରୀ)—ମଳିନବେଶା—ବହୁବ୍ରୀହି ସମାସ

୫. ଉତ୍+ଜ୍ୱଳ=ଉଜ୍ଜ୍ୱଳ

ହିମ+ଆଳୟ=ହିମାଳୟ

୬. ଆନନ୍ଦ—ନିରାନନ୍ଦ

ସ୍ୱାଧୀନ—ପରାଧୀନ

ଶୀତଳ—ଉଷ୍ମ

କୋମଳ—କଠିନ

ପୂର୍ଣ୍ଣ—ଶୂନ୍ୟ

୭. ଆଖି—ଚକ୍ଷୁ, ନୟନ, ଲୋଚନ

ସୂର୍ଯ୍ୟ—ଭାନୁ, ଦିବାକର, ଦିନମଣି, ଭାସ୍କର, ରବି

ମରୁତ—ସମୀର, ଅନିଳ, ବାୟୁ, ବାତ

**୨୩.୩.୧ ପ୍ରଶ୍ନର ଉତ୍ତର**

ଟିପ୍ପଣୀ

୧. ସ୍ୱାଧୀନତାପ୍ରାପ୍ତି ପରେ ଭାରତମାତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ବଡ଼ ବଡ଼ ଶକ୍ତିମାନେ ଏକତ୍ରିତ ହୋଇଛନ୍ତି । ସେମାନଙ୍କ ଭିତରେ ଥିଲେ ମୌସୁମୀ, ହିମାଳୟ, ମୃତ୍ତିକା, ସୂର୍ଯ୍ୟ, ମରୁତ । ସମସ୍ତେ ଆସି ଭାରତମାତାଙ୍କୁ ସଭକ୍ତି ପ୍ରଣାମ ଜଣାଇବା ସଙ୍ଗେ ସଙ୍ଗେ ଭାରତମାତାଙ୍କୁ ସ୍ୱାଧୀନତା ପରେ ଖୁସି ହେବା ପାଇଁ ଅନୁରୋଧ ଜଣାଇଛନ୍ତି । ଭାରତମାତା କିନ୍ତୁ ଖୁସି ହୋଇପାରି ନାହାନ୍ତି । ତାଙ୍କ ମନରେ ଆନନ୍ଦ ନାହିଁ, କି ତାଙ୍କ ହୃଦୟରେ ପୂର୍ଣ୍ଣ ପ୍ରଶାନ୍ତିର ପରିବେଶ ନାହିଁ । ସବୁକିଛି ତାଙ୍କ ପାଇଁ ହୋଇଛି ଶୂନ୍ୟ ଓ ମ୍ଳାନ । ମାଆର ମନରେ ଦାରୁଣ ଆଘାତ ଲାଗିଛି, କାରଣ ତାର ସନ୍ତାନ ପରସ୍ପର ଭିତରେ କଳି କରି ଅଲଗା ହୋଇଯାଇଛନ୍ତି । ମାଆର ହୃଦୟ ବିଦୀର୍ଣ୍ଣ ହୋଇଛି, ମନରେ ଜଳୁଛି ଅଶାନ୍ତିର ବହ୍ନି । ମାତୃ ହୃଦୟ ବିଳାପ କରିଛି, ସନ୍ତାନମାନଙ୍କର ଏକତା, ଆନନ୍ଦ ଓ ପରସ୍ପର ସହଯୋଗ ମା'ଙ୍କୁ ଦେଇଥାଏ ଆନନ୍ଦ, ଉଲ୍ଲାସ ଓ ପରିପୂର୍ଣ୍ଣତା । ସନ୍ତାନମାନଙ୍କର କଳହ, ପରସ୍ପର ବିରୋଧୀ ମନୋଭାବ ଦେଖିଲେ ମାଆ ମର୍ମନ୍ତୁଦ ଯନ୍ତ୍ରଣା ଅନୁଭବ କରନ୍ତି । ଏହାହିଁ ଘଟିଛି ଭାରତମାତାଙ୍କ ଭାଗ୍ୟରେ । ସ୍ୱାଧୀନ ହେଲେ ମଧ୍ୟ ସେ ଖୁସି ହୋଇ ପାରିନାହାଁନ୍ତି । ଭାଇଭାଇ କଳହରେ ତାଙ୍କ ଅଙ୍ଗ ଖଣ୍ଡିତ ହୋଇଛି । ଭାରତରୁ ପାକିସ୍ଥାନ ନାମରେ କିଛି ଅଂଶ ଅଲଗା ହୋଇଯାଇଛି । ଭାରତମାତାଙ୍କର ଅଙ୍ଗହାନି ଘଟିଛି । ବିରାଟ ଶକ୍ତିମାନଙ୍କର ବହୁ ଅନୁରୋଧକ୍ରମେ ଭାରତମାତା ଆଖି ଖୋଲିଛନ୍ତି ଓ ନିଜର ମର୍ମବେଦନା ସେମାନଙ୍କୁ ଜଣାଇଛନ୍ତି ।

୨. ଭାରତମାତା ହଠାତ୍ ମହାତ୍ମା ଗାନ୍ଧୀଙ୍କର କରୁଣ କଣ୍ଠସ୍ୱର ଶୁଣି ଚମକିପଡ଼ିଲେ । ହାରାମ ହାରାମ ଶବ୍ଦରେ ମାତୃହୃଦୟ ବିଦୀର୍ଣ୍ଣ ହୋଇଛି । ଜନସାଧାରଣଙ୍କ ଦ୍ୱାରା ନିହତ ହୋଇଛନ୍ତି ମହାତ୍ମା ଗାନ୍ଧୀ । ଜନଶକ୍ତିକୁ ଗାଳି ଦେଇଛନ୍ତି ଭାରତମାତା । ପୃଥିବୀର ଇତିହାସରେ ଏ କଳଙ୍କ ସବୁଦିନ ପାଇଁ ଲିପିବଦ୍ଧ ହୋଇରହିବ ବୋଲି ସେ କହିଛନ୍ତି । ତାଙ୍କର ସନ୍ତାନ ମହାତ୍ମା ଗାନ୍ଧୀ କେତେ କଷ୍ଟ ସହି ଦେଶକୁ ବିଦେଶୀ ଶାସନ କବଳରୁ ମୁକ୍ତ କଲେ, କିନ୍ତୁ ସାଧାରଣ ଜନତା ତାଙ୍କୁ ପୁରସ୍କାର ସ୍ୱରୂପ ପ୍ରାଣଦଣ୍ଡ ଦେଲେ । ଏକଥା କହି ବିଳାପ କରିଛନ୍ତି ଭାରତମାତା । ଆଖିରୁ ତାଙ୍କର ଝରିପଡ଼ିଛି ଲୁହର ଧାର । ମହାତ୍ମା ଗାନ୍ଧୀ ଥିଲେ ବିଶ୍ୱର ଆଲୋକ, ସତ୍ୟର ପ୍ରତୀକ । ସେ କେବଳ ଭାରତକୁ ମୁକ୍ତି ଆଣିଥିଲେ ତା ନୁହେଁ ସାରାବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେ ସୁଦୃଢ଼ ସଂକଳ୍ପ କରିଥିଲେ । ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁକାଳୀନ ଦାରୁଣ ଯନ୍ତ୍ରଣାକୁ ମର୍ମେ ମର୍ମେ ଉପଲବ୍ଧି କରି ଅଧୀର ହୋଇଛନ୍ତି ଭାରତମାତା । ହୃଦୟ ତାଙ୍କର ଫାଟିପଡ଼ିଛି ଦୀର୍ଘଶ୍ୱାସରେ, ପ୍ରାଣରେ ଭରିଯାଇଛି ସୀମାହୀନ ବ୍ୟାକୁଳତା । ମାତୃହୃଦୟର ସେ କାରୁଣ୍ୟ ଭାଷାରେ ଅବର୍ଣ୍ଣନୀୟ, ତାହା ଅନୁଭବର କଥା । ଲେଖକ ଯଥା ସମ୍ଭବ ସ୍ପଷ୍ଟଭାବରେ ଭାରତ ଜନନୀଙ୍କର ମର୍ମବ୍ୟଥା କଥାରେ ପ୍ରକାଶ କରିଛନ୍ତି ।

**୨୩.୩.୨ ପ୍ରଶ୍ନର ଉତ୍ତର**

୧. ସ୍ୱାଧୀନ+ତା=ସ୍ୱାଧୀନତା (ତଦ୍ଧିତ ପ୍ରତ୍ୟୟ)

ସଭ୍ୟ+ତା=ସଭ୍ୟତା (ତଦ୍ଧିତ ପ୍ରତ୍ୟୟ)

ସମ+ଯ=ସାମ୍ୟ (ତଦ୍ଧିତ ପ୍ରତ୍ୟୟ)

୨. ପ୍ର, ସୁ, ଅନୁ ଓ ଅପ ଆଦି ଉପସର୍ଗ ବ୍ୟବହୃତ ହୋଇଛି ।

**୨୩.୩.୨ ପ୍ରଶ୍ନର ଉତ୍ତର**

୩. ସୁଯୋଗ—ଦୁର୍ଯୋଗ

ଦରିଦ୍ର—ଧନୀ

ଅବନତ—ଉନ୍ନତ

ସତ୍ୟ—ମିଥ୍ୟା

ପୁରସ୍କାର—ତିରସ୍କାର

୪. ଆମରଣ—ମରଣ ପର୍ଯ୍ୟନ୍ତ

ଅନ୍ତରୀକ୍ଷ—ଆକାଶ

ଲୋତକ—ଲୁହ

ମୃତ୍ତିକା—ମାଟି

୪. ମରଣପର୍ଯ୍ୟନ୍ତ—ଆମରଣ=ଅବ୍ୟୟୀଭାବ ସମାସ

ନ ଅଶନ—ଅନଶନ=ନଞ୍ ତତ୍‌ପୁରୁଷ ସମାସ

ବିକଳ ଅଟେ ଅଙ୍ଗ—ଯାହାର ସେ ବିକଳାଙ୍ଗ=ବହୁବ୍ରୀହି ସମାସ

**୨୩.୪.୧.ର ପ୍ରଶ୍ନ ଉତ୍ତର**

(କ) ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁରେ ଭାରତମାତାଙ୍କର କରୁଣ କ୍ରନ୍ଦନ ଧ୍ୱନିରେ ପରିବେଶ ଯନ୍ତ୍ରଣା ଜର୍ଜରିତ ହୋଇ ଉଠିବାରୁ ମାତାଙ୍କୁ ଆଶ୍ୱାସନା ଦେବାପାଇଁ ମହାତ୍ମା ଗାନ୍ଧୀଙ୍କର ପ୍ରେତ-ମୂର୍ତ୍ତି ଉପସ୍ଥିତ ହୋଇଛି । ଜନଶକ୍ତି ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁରେ ମର୍ମାହତ ହୋଇଛି ଓ କେଉଁ ମାର୍ଗରେ ନିଜକୁ ପରିଚାଳିତ କରିବ ବୋଲି ସେହି ପ୍ରେତମୂର୍ତ୍ତିକୁ ପ୍ରଶ୍ନ କରିଛି । ପ୍ରଶ୍ନର ଉତ୍ତରରେ ମହାତ୍ମା ଗାନ୍ଧୀ କହିଛନ୍ତି ଯେ ଏକତା ହେଉଛି ମୂଳକଥା । ସାମ୍ପ୍ର-ଦାୟିକ ଭେଦଭାବ ଭୁଲି ଭାରତର ପ୍ରତ୍ୟେକ ବ୍ୟକ୍ତି ନିଜକୁ ଭାରତୀୟ ବୋଲି ମନେକରି ପରସ୍ପର ଭିତରେ ଭ୍ରାତୃଭାବ ରଖିବା ହେଉଛି ଅପରିହାର୍ଯ୍ୟ ଆବଶ୍ୟକତା ଓ ପ୍ରକୃତ ପଥ । ତା ନହେଲେ ସ୍ୱାଧୀନତା ବିପନ୍ନ ହେବାର ଭୟ ରହିଛି ବୋଲି ମହାତ୍ମା ଗାନ୍ଧୀଙ୍କ ପ୍ରେତମୂର୍ତ୍ତି କହିଛି । ସତ୍ୟ ଓ ଅହିଂସାକୁ ବ୍ରତ ଭାବରେ ଗ୍ରହଣ କରି ଆଗେଇ ଯିବାପାଇଁ ସେ ପରାମର୍ଶ ଦେଇଛନ୍ତି । ଅହିଂସାକୁ ଉଚ୍ଚ ଆସନ ଦେବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛି ପ୍ରେତମୂର୍ତ୍ତି । କେବଳ ମହାତ୍ମା ଗାନ୍ଧୀଙ୍କର ଗୁଣ ଗାନକଲେ ହେବ ନାହିଁ, କାମ କରିବାକୁ ପଡ଼ିବ ଦେଶର ସର୍ବାଙ୍ଗୀନ ବିକାଶ ନିମନ୍ତେ ବୋଲି ସେହି ମୂର୍ତ୍ତି ସୂଚନା ଦେଇ କହିଛି ।

(ଖ) 'ପୃଥିବୀ ସତୃଷ୍ଣ ନୟନରେ ତୁମକୁ ଚାହିଁ ରହିଛି' ଏହି ଉକ୍ତିଟି ମହାତ୍ମା ଗାନ୍ଧୀଙ୍କର ପ୍ରେତମୂର୍ତ୍ତିର ଉକ୍ତି । ଭାରତମାତାଙ୍କୁ ଆଶ୍ୱାସନା ଦେଇ ସେ ଏକଥା କହିଛି । ଭାରତର ମହତ୍ତ୍ୱ ଓ ଗୁରୁତ୍ୱ ଏଥିରେ ପ୍ରକଟିତ ହୋଇଚି । ଭାରତୀୟ ସଂସ୍କୃତିର ମହତ୍ତ୍ୱ ଓ ମୂଲ୍ୟ-ବୋଧ ଭାରତକୁ ଦେଇଛି ସ୍ୱତନ୍ତ୍ର ସମ୍ମାନ ଓ ପ୍ରତିଷ୍ଠା । ସାରାବିଶ୍ୱକୁ ଭାରତ ଦେଇପାରିବ ଶାନ୍ତି, ମୈତ୍ରୀର ବାର୍ତ୍ତା । ଭ୍ରାତୃଭାବର ଶାନ୍ତ ଶୀତଳ ରୁଚିକର ପ୍ରଭାବରେ ଭାରତ ଭରି-ଦେବ ବିଶ୍ୱପ୍ରାଣରେ ସ୍ନିଗ୍ଧ ଶୀତଳଭାବ । ବିଶ୍ୱଜୀବନରେ ଶାନ୍ତି ପ୍ରତିଷ୍ଠା ଭାରତର କାମ୍ୟ । ବିଶ୍ୱପରିବାର ଗଠନ ନିମନ୍ତେ ଭାରତବର୍ଷ କେବଳ ପ୍ରେରଣା ଦେବନାହିଁ, ପଥ ମଧ୍ୟ ପ୍ରଦର୍ଶନ କରିବ । ଭାରତଭୂମି ଦେବଭୂମି । ସତ୍ୟ, ଜ୍ଞାନ, ପ୍ରେମ ଓ ଶାନ୍ତିର ପ୍ରବାହ ଏହି ଭୂମିରେ ରହିଛି । ସାରା ବିଶ୍ୱରେ ଯେତେ ସମସ୍ୟା ରହିଛି, ସେହି ସମସ୍ୟା ସବୁର ସମାଧାନ ସୂତ୍ର ରହିଛି ମାନବିକତାରେ । ଏହି ମାନବିକତାର ମୂଲ୍ୟବୋଧ ଭାରତରେ ଅଛି, ଭାରତ ସମଗ୍ର ବିଶ୍ୱକୁ ମାନବିକତାର ମଧୁ ପ୍ରବାହରେ ପ୍ଳାବିତ ଓ ପୁଲକିତ କରିପାରିବ । ଜୀବନର ସାର୍ଥକତା ନିମନ୍ତେ ମାର୍ଗ ଦର୍ଶନର କ୍ଷମତା ଭାରତ-ମାତାଙ୍କର ରହିଛି । ମାନବ ଜୀବନକୁ ସୁସ୍ଥ, ସୁନ୍ଦର, ସଚେତନ ଓ ସାର୍ଥକ କରିବା ପାଇଁ ଭାରତମାତା ନେବେ ସୁଦୃଢ଼ ପଦକ୍ଷେପ । ସେ ହେବେ ବିଶ୍ୱର ଗୁରୁ । ତେଣୁ ଭାରତମାତାଙ୍କୁ ନିଜ ସଙ୍କଳ୍ପରେ ଦୃଢ଼ ଅବିଚଳିତ ହେବାକୁ ପଡ଼ିବ । ଭାରତମାତାଙ୍କର ବିକାଶରେ ବିଶ୍ୱର ବିକାଶ । ଅତୀତକୁ ଭୁଲି, ମନସ୍ତାପକୁ ଭୁଲି ଭାରତମାତାଙ୍କୁ ପ୍ରଗତି ପଥରେ ଅଗ୍ରଗତି କରିବାକୁ ହେବ ବୋଲି ମହାତ୍ମା ଗାନ୍ଧୀଙ୍କର ପ୍ରେତମୂର୍ତ୍ତି କହିଛି ।

**୨୩.୪.୨ ର ଉତ୍ତର**

(କ) ଜୀବନ ପର୍ଯ୍ୟନ୍ତ—ଆଜୀବନ=ଅବ୍ୟୟୀଭାବ ସମାସ

ନ ମର—ଅମର=ନଞ୍ ତତ୍‌ପୁରୁଷ ସମାସ

ବିଶ୍ୱରବାସୀ—ବିଶ୍ୱବାସୀ=ଷଷ୍ଠୀ ତତ୍‌ପୁରୁଷ ସମାସ

(ଖ) ସମ୍ପ୍ରଦାୟ+ଇକ=ସାମ୍ପ୍ରଦାୟିକ (ତଦ୍ଧିତ ପ୍ରତ୍ୟୟ)

ଭଜ୍+କ୍ତିନ୍=ଭକ୍ତି (କୃଦନ୍ତ ପ୍ରତ୍ୟୟ)

କୀର୍ତ୍ତ୍+ଅନ୍+କୀର୍ତ୍ତନ (କୃଦନ୍ତ ପ୍ରତ୍ୟୟ)

ପୂଜ୍+ଆ=ପୂଜା (କୃଦନ୍ତ ପ୍ରତ୍ୟୟ)

(ଗ) ଅନୁ, ପ୍ର

(ଘ) ଅନ୍ଧକାର—ଆଲୋକ

ଅହିଂସା—ହିଂସା

ଦୁଃଖ—ସୁଖ

ପ୍ରଶଂସା—ନିନ୍ଦା

ଶେଷ—ଆରମ୍ଭ

## ୨୩.୪.୩ ସମ୍ପୂର୍ଣ୍ଣ ମୂଳପାଠର ଉତ୍ତର

(କ) ଭାରତମାତା ସ୍ୱାଧୀନ ହେବା ପରେ ମୌସୁମୀ ଆସି ଭାରତମାତାଙ୍କୁ ସଭକ୍ତି ପ୍ରଣାମ ଜଣାଇଛି । ସଙ୍ଗୀତ ଗାଇ ଗାଇ ସେ ପ୍ରବେଶ କରିଛି । କୃଷୀର କ୍ଷେତ୍ରରେ ବର୍ଷା ଧାର ଢାଳି କ୍ଷେତ୍ରକୁ ଶସ୍ୟଶ୍ୟାମଳା କରୁଏ ବୋଲି ମୌସୁମୀ ଗଭୀର ଆତ୍ମସନ୍ତୋଷ ଅନୁଭବ କରିଛି । ମାତାଙ୍କୁ ମୌନବ୍ରତର କାରଣ ଦୁଃଖର ସହ ପଚାରିଛି । ମନରୁ ସବୁ ଦୁଃଖ ଅନୁଶୋଚନାକୁ ପୋଛି ଦେବାକୁ ଅନୁରୋଧ ଜଣାଇଛି ।

ସଙ୍ଗୀତର ଛନ୍ଦରେ ଆସି ପହଞ୍ଚିଛି ମୃତ୍ତିକା—ମାଆଙ୍କୁ ପ୍ରଣାମ ଜଣାଇ ସେ ଆନନ୍ଦ ଅନୁଭବ କରିଛି । ଦେବତାର ଅଭିଶାପ କଟିଯାଇଛି ଓ ଦେଶମାଆ ସ୍ୱାଧୀନ ହୋଇଛି ବୋଲି କହି ମୃତ୍ତିକା ନାଚିଯାଇଛି । ଭାରତମାତାଙ୍କୁ ବିଷାଦଗ୍ରସ୍ତା ଥିବାର ଦେଖି ସେ ମର୍ମାହତ ହୋଇଛି । ଭାରତମାତାଙ୍କର ଏପରି ଅବସ୍ଥା ଦେଖି ସେ ଭାରତୀକୁ ମାଆର ଦୁଃଖ ବିଷୟରେ ପଚାରିଛି ।

(ଖ) "ସେ ବିଶ୍ୱବାସୀଙ୍କ ହୃଦୟରେ ବଞ୍ଚିରହିଛି, ତମେ ଆଉ ଦୁଃଖ କରନା"—ଉକ୍ତିଟି ହିମାଳୟ ମୁଖରେ ଲେଖକ ଉପସ୍ଥାପନା କରିଛନ୍ତି । ଭାରତମାତା ତାଙ୍କର ସୁଯୋଗ୍ୟ ସନ୍ତାନ ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁରେ ମ୍ରିୟମାଣ ହୋଇପଡିଲା ବେଳେ ହିମାଳୟ ତାଙ୍କୁ ବୁଝାଇଛି । ହିମାଳୟ କହିଛି ଯେ ମହାତ୍ମା ଗାନ୍ଧୀ କେବଳ ଭାରତର ନଥିଲେ, ସେ ଥିଲେ ସମଗ୍ର ପୃଥିବୀର ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ । ସମଗ୍ର ବିଶ୍ୱର କଲ୍ୟାଣ କାମନା ଥିଲା ତାଙ୍କର ଧର୍ମ । ତାଙ୍କର ଗୋଟିଏ ଦେହ ନଷ୍ଟ ହୋଇଗଲେ ହେଁ ସେ କୋଟି କୋଟି ଦେହରେ ଜୀବନ୍ତ ହୋଇ ରହିଛନ୍ତି । ବିଶ୍ୱବାସୀଙ୍କ ହୃଦୟରେ ସେ ଉପସ୍ଥିତ ଅଛନ୍ତି । ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ବା ଜାତିର ନହୋଇ, ହୋଇଛନ୍ତି ସାରା-ବିଶ୍ୱର । ଦୁଃଖ ନକରିବା ପାଇଁ ହିମାଳୟ ଭାରତମାତାଙ୍କୁ ଅନୁରୋଧ ଜଣାଇଛି । ଗୋଟିଏ କଣ୍ଠରେ ତାଙ୍କ ସ୍ୱର ଝଂକୃତ ନହେଲେ ମଧ୍ୟ କୋଟି କୋଟି କଣ୍ଠରେ ତାଙ୍କ ସ୍ୱର ଝଂକୃତ ହେଉଛି । ମହାତ୍ମା ଗାନ୍ଧୀ ମରି ମଧ୍ୟ ଅମର ହୋଇଛନ୍ତି ବୋଲି ହିମାଳୟ କହିଛି ।

୩. ଅଭି, ଅନୁ, ପ୍ର, ବି ପ୍ରଭୃତି ଉପସର୍ଗ ବ୍ୟବହୃତ ହୋଇଛି ।

୪. ଶବ୍ଦ — ଅର୍ଥ

| ଶବ୍ଦ | ଅର୍ଥ |
|---|---|
| ଅନଶନ | ନଖାଇବା |
| ଶେଫାଳି | ଗଙ୍ଗଶିଉଳି |
| ସମୀର | ପବନ |

୫. ବାୟୁ—ସମୀର, ସମୀରଣ, ବାତ ।

ବାରି—ଜଳ, ସଲିଳ, ପୟ, ତୋୟ ।

୬. ଶୂନ୍ୟସ୍ଥାନ ପୂରଣ କରାଯାଇଛି, ଦେଖନ୍ତୁ ।

(କ) ପୃଥିବୀର ଇତିହାସରେ ତୋର ଏ ଗ୍ଲାନି ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଲା ।

(ଖ) ମୋର ସତ୍ୟ ଓ ଅହିଂସାବାଦ ପ୍ରଚାର କରି ସେମାନେ ବିଶ୍ୱରେ ଆଣିବେ ସାମ୍ୟ ଓ ମୈତ୍ରୀଭାବ ।

(ଗ) ବୀରର ଅନୁରୂପ କାର୍ଯ୍ୟ କରିବାହିଁ ବୀରର ଶ୍ରେଷ୍ଠ ପୂଜା ।

(ଘ) ତମର ରତ୍ନ ବିଭୂଷିତା ମା'ର ଅଙ୍ଗ କ୍ରମେ ହେଲା ଶୂନ୍ୟ ।

# ୨୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ସୂର୍ଯ୍ୟ ଭାରତମାତାଙ୍କୁ ନମସ୍କାର ଜଣାଇ କ'ଣ କହିଛନ୍ତି ? ୫ଟି ବାକ୍ୟରେ ଉତ୍ତର ଲେଖନ୍ତୁ ।

୨. ମହାତ୍ମା ଗାନ୍ଧୀଙ୍କ ପ୍ରେତମୂର୍ତ୍ତି ଜନଶକ୍ତିକୁ କେଉଁ ଉପଦେଶ ଦେଇଛି ? ୫ଟି ବାକ୍ୟରେ ନିଜ ଭାଷାରେ ଲେଖନ୍ତୁ ।

୩. ନିମ୍ନଲିଖିତ ଶବ୍ଦମାନଙ୍କରେ କେଉଁ ପ୍ରତ୍ୟୟ ରହିଛି ଲେଖନ୍ତୁ ।
ଉତ୍କଳୀୟ, ଭୌଗୋଳିକ, ବାଣିଜ୍ୟ ।

୪. ନିମ୍ନଲିଖିତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ହସ, ବିକଟ, ପୁରସ୍କାର, ସ୍ୱାଧୀନତା

୫. ନିମ୍ନଲିଖିତ ଶବ୍ଦମାନଙ୍କର ଏକାର୍ଥବୋଧକ ଶବ୍ଦ ଲେଖନ୍ତୁ ।
ପବନ, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ

୬. ନିମ୍ନଲିଖିତ ଶବ୍ଦରେ କେଉଁ ସନ୍ଧି ହୋଇଛି ଲେଖନ୍ତୁ ।
ହିମାଳୟ, ସାଶ୍ରୁଲୋଚନ, ବିକଳାଙ୍ଗ, ଆଶାନ୍ୱିତ

୭. ଭାବ ସମ୍ପ୍ରସାରଣ କରନ୍ତୁ ।

(କ) "ବୀରର ଅନୁରୂପ କାର୍ଯ୍ୟ କରିବା ହିଁ ବୀରର ଶ୍ରେଷ୍ଠ ପୂଜା"

(ଖ) "ସାମ୍ପ୍ରଦାୟିକ ଭେଦଭାବ ଭୁଲି ସମସ୍ତେ ନିଜକୁ କେବଳ ଭାରତୀୟ ବୋଲି ବିଶ୍ୱ-ଆଗରେ ପରିଚୟ ଦିଅ—ଭୁଲ, ଭୁଲ ସବୁପ୍ରକାର ଭେଦଭାବ" ।

୮. ପାଠ ଦେଖି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) ମୋର ସତ୍ୟ ଓ ଅହିଂସାବାଦ ପ୍ରଚାର କରି ସେମାନେ ବିଶ୍ୱରେ ଆଣିବେ — ଓ ମୈତ୍ରୀଭାବ । (ସାମ୍ୟ, ଶାନ୍ତି)

(ଖ) ପୃଥିବୀର ଇତିହାସରେ ତୋର ଏ — ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଲା । (କାର୍ଯ୍ୟ, ଗ୍ଲାନି)

(ଗ) ସୌର ପଥରୁ ଓହ୍ଲାଇ ଆସିଲି କ'ଣ ତୋର ଏଇ — ବେଶ ଦେଖିବା ପାଇଁ ? (ଆକର୍ଷଣୀୟ, ଭିଖାରୁଣୀ)

(ଘ) ଦୁଇଶହ ବର୍ଷର ଅଶେଷ — ପରେ ଜନନୀ ତୋ'ର ମୁକ୍ତ । (କଷ୍ଟ, ଯନ୍ତ୍ରଣା, ନିର୍ଯ୍ୟାତନା)

(ଙ) ରମର ରତ୍ନ ବିଭୂଷିତା ମା'ର ଅଙ୍ଗ କ୍ରମେ ହେଲା — । (କ୍ଷୀଣ, ଶୂନ୍ୟ, ମଳିନ)